# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 14 October – 2025

## ହବିଷ୍ୟାଳୀ-ଡିଜିଟାଲ ପଞ୍ଜିକରଣ

ହବିଷ୍ୟାଳୀମାନଙ୍କ ପାଇଁ ଆସନ୍ତାବର୍ଷଠାରୁ ଡିଜିଟାଲ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ହେବ । ଗତକାଲି ପୁରୀର ବୃନ୍ଦାବତୀ ନିବାସଠାରେ ହବିଷ୍ୟାଳୀ ବ୍ରତ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ମାନଙ୍କ ସହ ଭାବ ବିନିମୟ କରି କହିଛନ୍ତି ଚଳିତବର୍ଷ ପ୍ରାୟ ଅଢ଼େଇ ହଜାର ହବିଷ୍ୟାଳୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ ଖାଦ୍ୟ ଓ ରହଣି ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ୩ କୋଟି ୩୦ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଥିବା ଶ୍ରୀ ମାଝି କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ଦୁର୍ଗାପୁର ପୀଡିତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ଦୁର୍ଗାପୁରରେ ପୀଡିତା ଓଡ଼ିଆ ଝିଅ ଏବଂ ତାଙ୍କ ମା'ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି । ବାର୍ତ୍ତାଳାପ ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ ଓ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାସହ ପୀଡିତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

# କଷ୍ଟ ମିଲ୍ଡ ଚାଉଳ ବିତରଣ

କେନ୍ଦ୍ର ଗ୍ରାହକବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସାକ୍ଷାତ୍ କରି କଷ୍ଟମ ମିଲ୍ଡ ଚାଉଳର ବିତରଣ ସମୟସୀମା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଅନୁରୋଧ କରିଛନ୍ତି । ରାଜ୍ୟରେ ଅନୁମୋଦିତ ପରିମାଣଠାରୁ ଅଧିକ ଧାନସଂଗ୍ରହ ହୋଇଥିବାରୁ ଭାରତୀୟ ଖାଦ୍ୟ ନିଗମକୁ ବଳକା ଧାନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅବଗତ କରାଇଛନ୍ତି ।

# ଟ୍ରାଫିକ ଇ-ଚାଲାଣ ଅନ୍‌ଲାଇନ

ରାଜ୍ୟ ସରକାରଙ୍କ ଦ୍ୱାରା ଟ୍ରାଫିକ ଇ-ଚାଲାଣ ମାମଲା ଗୁଡ଼ିକର ସମାଧାନ ପାଇଁ ଏକକାଳୀନ ପୈଠ କ୍ଷେତ୍ରରେ ଘୋଷଣା କରାଯାଇଥିବା ରିହାତି ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ । ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ମିଳିବ । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ପରିବହନ କାର୍ଯ୍ୟାଳୟକୁ ନଯାଇ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍‌ରେ ଏକକାଳୀନ ପୈଠ କରାଯାଇପାରିବ । ରିହାତି ଦେୟ ନେଇ ବିଜ୍ଞପ୍ତି ପ୍ରକାଶନର ୬ ମାସ ଯାଏଁ ଏହି ଯୋଜନା ବୈଧ ରହିବ । ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୧୦୭୩ ଜାରି କରାଯାଇଛି ।

## ମହାବିଦ୍ୟାଳୟ-ଟଙ୍କା ମଞ୍ଜୁର

ରାଜ୍ୟ ସରକାର 'ଆମ ଗୌରବ-ଆମ କଲେଜ' ଯୋଜନାରେ ୨ଟି ବିଶ୍ୱବିଦ୍ୟାଳୟ ଓ ୯ଟି ମହାବିଦ୍ୟାଳୟର ବିକାଶ ପାଇଁ ୩ କୋଟି ୪୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କଟକ ରେଭେନ୍ସା ଏବଂ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ରହିଛି ।

## ଟେରାକୋଟା ପ୍ରଦର୍ଶନୀ

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୫' ଆରମ୍ଭ ହୋଇଛି । ଏହି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ରାଜ୍ୟର ୩୬ ହଜାରରୁ ଅଧିକ କାରିଗରଙ୍କୁ ଆର୍ଥିକ ଭାବେ ସଶକ୍ତ କରିବ ବୋଲି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ଏଥିରେ ୨୧୦ଟି ଷ୍ଟଲ ଖୋଲାଯାଇଥିବା ବେଳେ ୩୫୦ଜଣ ଟେରାକୋଟା ଏବଂ କୁମ୍ଭାର ହସ୍ତଶିଳ୍ପୀ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ ।

## ଜଙ୍ଗଲ ଭୂମି ବିଭାଜନ

ରାଜ୍ୟରେ ଜାରି ରହିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଗୃହବିଭାଗ ସମ୍ମିଳୀନ କକ୍ଷରେ ଅନୁଷ୍ଠିତ ପ୍ରକଳ୍ପ ବିକାଶ କାର୍ଯ୍ୟର ସମୀକ୍ଷା କରିବା

ଅବସରରେ ଭୂମି ବିଭାଜନ ପ୍ରସ୍ତାବ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## କାଳୀପୂଜା ବୈଠକ

କଟକ ମହାନଗର ନିଗମ ଶାନ୍ତି କମିଟି ପକ୍ଷରୁ ମହାକାଳୀ ପୂଜା ଓ ଭସାଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୨୦ ତାରିଖରେ ମହାକାଳୀଙ୍କ ପୂଜା, ୨୨ ଓ ୨୩ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୪ ତାରିଖରେ ଭସାଣ ପାଇଁ ନିଷ୍ପତ୍ତି ହୋଇଛି ।

## ବାଲିଯାତ୍ରା ପ୍ଲଟ ବୁକିଂ

ଐତିହାସିକ କଟକ ବାଲିଯାତ୍ରା ପାଇଁ ଉପର ପଡ଼ିଆ ଲାଗି ପ୍ଲଟ ବୁକିଂ ଆରମ୍ଭ ହୋଇଛି । ପୂର୍ବରୁ ତଳ ବାଲିଯାତ୍ରା ପଡ଼ିଆ ପାଇଁ ପ୍ଲଟ ବୁକିଂ ଶେଷ ହୋଇଥିବାବେଳେ ନିଲାମ ପ୍ରକ୍ରିୟା ଜାରି ରହିଛି ।

## ତାଲିମ ଶିବିର

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଳଜୀବନ ଏବଂ ବସୁଧା ଯୋଜନା ଉପରେ ସରପଞ୍ଚ, ୱାର୍ଡସଭ୍ୟ ଓ ଅଙ୍ଗନବାଡି କର୍ମୀମାନେ ତାଲିମ ଗ୍ରହଣ କରିଛନ୍ତି ।

## ଶିବିର

ଭଦ୍ରକ ଜିଲ୍ଲା ତିହିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା

ଆଇନ୍ ସମ୍ପର୍କିତ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀମାନେ ଶିବିରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା କରିଛନ୍ତି ।

## ଦୌଡ଼କୁଦ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତୀକ ମହାରଣା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୨୦ ବର୍ଷରୁ କମ୍ ପୁରୁଷ ୨୦୦ମିଟର ରେସ୍‌ରେ ପ୍ରତୀକ ଏହି ସଫଳତା ହାସଲ କରିଛନ୍ତି । ସେହିଭଳି ସଟ୍‌ଫୁଟ ଇଭେଣ୍ଟରେ ଓଁକାର ପ୍ରସାଦ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

## ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ସମ୍ପୂର୍ଣ୍ଣଭାବେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପାଗ ଅନୁକୂଳ ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।